# Akashvani, Sambalpur

## SAMBALPURI NEWS EVENING BULLETIN

## 17 April 2026-7.02- 7.12 pm.

---

୧- ରାଜ୍ୟସଭା ନ ନାରୀଶକ୍ତି ବନ୍ଦନ୍ ଉପ୍ରେ ଜାରି ରହିଛେ ଆଲୋଚନା ।

- ଆଉ କିଛି ସମିଆ ଉତ୍ରୁ ହେବା ଭୋଟ୍ ।

୨- ଖରିଫ୍ ଋତୁ ଲାଗି ସାରର ଉପଲବ୍ଧତା ଆଉ ସୁଷମ ବଂଟନ୍ ବାବ୍ଦେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

୩- ଓଡ଼ିଶାକେ ନକ୍ସଲ୍ମୁକ୍ତ ଘୋଷ୍ନା କଲେ ରାଜ୍ୟ ସର୍କାର୍ ।

ଆଉର୍

୪- ବଢ଼୍ତି ଖରାକେ ନଜର୍ଥି ରଖିକରି ବଲାଙ୍ଗିର୍ ଆଉ ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏବା କାଏଲ୍ଠାନୁ ବନ୍ଦ୍ ରହେବା ସବୁ ଶିକ୍ଷାନୁଷ୍ଠାନ୍ ।

ନାରୀ ଶକ୍ତି ବନ୍ଦନ୍        ଆର୍‌ଏନ୍‌ୟୁ/ କଟକ୍

ଲୋକସଭା, ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍‌କର୍ ବିଧାନ୍‌ସଭା ନ ମହିଲମାନ୍‌କର୍ ଲାଗି ୩୩ ପ୍ରତିଶତ୍ ସଂରକ୍ଷଣ୍ ସହେତେ ଅଲ୍‌ଗା ୨ ଟା ବିଧେୟକ୍ ଉପ୍‌ରେ ଇହାଦେ ସଂସଦ୍ ନ ଆଲୋଚନା ଜାରି ରହିଛେ । ସମ୍ବିଧାନ୍ ଶହେ ୩୧ ନମ୍ବର୍ ସଂଶୋଧନ୍ ବିଧେୟକ୍, ସୀମା ପୁନଃନିର୍ଦ୍ଧାରଣ୍ ବିଧେୟକ୍ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଆଇନ୍ ସଂଶୋଧନ୍ ବିଧେୟକ୍ ଉପ୍‌ରେ ରାଜ୍ୟସଭା ନ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉତର୍ ରଖି୍‌କରି କହିଛନ୍, ସନ୍ତୁଳିତ, ସମାବେଶୀ, ବ୍ୟବହାରିକ୍, ଲୋକତନ୍ତ୍ର ଢାଂଚା ପ୍ରସ୍ତୁତ୍ କର୍‌ବାର୍ ଲାଗି ସମ୍ବିଧାନ୍ ସର୍‌କାର୍‌ଙ୍କର୍ ଉପ୍‌ରେ ନ୍ୟସ୍ତ କର୍‌ସନ୍ । ଇହାଦେ ସର୍‌କାର୍‌ଙ୍କର୍ ଉପ୍‌ରେ ଇ ଦାୟିତ୍ୱ ରହିଥି୍‌ବାର୍ ଶ୍ରୀ ଶାହା କହିଛନ୍ ।

(ଭଏସ୍ ଓଭର୍- ଶ୍ରୀ ଶାହା)

ସଂରକ୍ଷଣ୍ ସହେତେ ୨୦୨୯ ନିର୍ବାଚନ୍ କରାବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଲକ୍ଷ୍ୟ ରଖି୍‌ଛନ୍ । ସୁଶାସନ୍ ଲାଗି ସୀମା ନିର୍ଦ୍ଧାରଣ୍‌ରେ ଆବଶ୍ୟକତା ବହୁତ୍ ଜରୁରୀ ଆଏ ବଲି ଶ୍ରୀ ଶାହା

ଗୃହ ନ କହିଛନ୍ । ଆଉ କିଛି ସମିଆ ଉତ୍ରୁ ବିଧେୟକ୍ ଉପ୍ରେ ଭୋଟ୍ ଗ୍ରହଣ୍ କରାଯିବା ।

ନୋଟିଫାଏଡ୍ ଓ୍ୱିମେନ୍ ରିଜର୍ଭେସନ୍ ଏନ୍ଏସ୍ଡି

ସମ୍ବିଧାନ୍ର ଶହେ ୬ ନମ୍ବର୍ ସଂଶୋଧନ୍ ଅନ୍ସାରେ ନାରୀଶକ୍ତି ବନ୍ଦନ୍ ଅଧିନିୟମ୍ ଗଲାକାଏଲ୍ଠାନୁ କାର୍ଯ୍ୟକାରୀ ହେଇଛେ । ୨୦୨୩ ଥି ସଂସଦ୍ ନ ଇ ଅଧିନିୟମ୍ ପାରିତ୍ ହେବାର୍ ଉତ୍ରୁ ସଂଘୀୟ ଢାଂଚାର୍ ସବୁ ସ୍ତର୍ ନ ମହିଳାମାନ୍କର୍ ଭାଗିଦାରୀତାକେ ନିଶ୍ଚିତ୍ କରାଯାଇଥିଲା । ଅଧିନିୟମ୍ ଅନ୍ସାରେ ଲୋକ୍ସଭା, ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ର ବିଧାନ୍ସଭା କ୍ଷେତ୍ର ନ ଏକତୃତୀୟାଂଶ ଆସନ୍ ମହିଳାମାନ୍କର୍ ଲାଗି ସଂରକ୍ଷିତ୍ ରହେବା ।

ରାଜ୍ୟସଭା -ହରିବଂଶ ଏନ୍ଏସ୍ଡି

ହରିବଂଶ୍ ନାରାୟଣ୍ ସିଂ ୩ ନମ୍ବର୍ ଥର୍ ଲାଗି ରାଜ୍ୟସଭାର ଉପାଧ୍ୟକ୍ଷ ନିର୍ବାଚିତ୍ ହେଇଛନ୍ । ରାଜ୍ୟସଭା ନ ଗୃହର୍ ନେତା

ଜେ.ପି. ନଡ୍ଡା ପ୍ରସ୍ତାବ୍ ଆଗତ୍ କର୍‌ବାର୍ ଉତ୍‌ରୁ ତାଙ୍କୁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ହରିବଂଶଙ୍କୁ ୩ ନମ୍ବର୍ ଥର୍ ଲାଗି ଉପାଧ୍ୟକ୍ଷ ଭାବେ ନିର୍ବାଚିତ୍ ହେଇଥିବାର୍‌ନୁ ଶୁଭେଚ୍ଛା ଜନେଇଛନ୍ । ଶ୍ରୀ ମୋଦୀ କହିଛନ୍, ଉପାଧ୍ୟକ୍ଷ ଭାବେ ହରିବଂଶଙ୍କର୍ ଅଭିଜ୍ଞତା ତାଙ୍କର୍ ନେତୃତ୍ୱକେ ଆହୁରି ପ୍ରଭାବ୍‌ଶାଳୀ କରିଛେ । ଗୃହକେ ଗଠନ୍‌ମୂଳକ୍ ଭାବେ ଚଲାବାର୍ ଦିଗେ ତାଙ୍କର୍ ଅବଦାନ୍ ପ୍ରଶଂସନୀୟ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ବୈଠକ୍        ଆଇ.ଆଣ୍ଡ୍.ପି.ଆର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଖରିଫ୍ ଋତୁ ଲାଗି ସାର୍ ଉପଲବ୍ଧତା ବାବ୍‌ଦେ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଖରିଫ୍ ଋତୁଥି ସାର୍‌ର ସୁଷମ ବଂଟନ୍ ବାବ୍‌ଦେ ସମୀକ୍ଷା କରିଛନ୍ । କଳାବଜାରୀ ଆଉ ଅବୈଧ

ମହଜୁଦ୍‌କାରୀଙ୍କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍, ସୀମ୍‌ନା ଇଲାକା ନ ଚୁରାଚାଲାଣ୍‌କେ ରୁକ୍‌ବାର୍, ପଂଚାୟତ୍‌ସ୍ତର୍ ନ ନିରୀକ୍ଷଣ୍ ସମିତି ଗଠନ୍, ଚାଷୀମାନ୍‌କର୍ ଡିଜିଟାଲ୍ ପଞ୍ଜିକରଣ୍‌କେ ତୁର୍‌ତି କର୍‌ବାର୍ ଆଉ ସନ୍ତୁଳିତ ସାର ବେଭାର୍‌କେ ନେଇକରି ସଚେତନତା ବଢ଼ାବାର୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ସେନ୍ତା ସାର ବିକ୍ରି କେନ୍ଦ୍ର ମାନ୍‌କେ ଷ୍ଟକ୍ ଆଉ ଦର ବାବଦ୍ ସୂଚ୍‌ନା ଓଡ଼ିଆ ଭାଷାଥି ପ୍ରଦର୍ଶନ୍ କର୍‌ବାର୍‌କେ ଭିଲ୍ ସେ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ବୟନଶିଳ୍ପମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ଜିଲ୍ଲାର୍ ଜିଲ୍ଲାପାଲ୍ ମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ ।

ଜଙ୍ଗଲ୍ ନିଅାଁ          ହି.ସ.

ରାଏଜେ ଜଙ୍ଗଲ୍ ନିଅାଁ ରୁକ୍‌ବାର୍ ଲାଗି କୃତ୍ରିମ ବୁଦ୍ଧିମତା, ଜ୍ଞାନ୍‌କୌଶଲ୍‌ର ବେଭାର୍ କରାଯାଉଛେ ବଲି ଜଙ୍ଗଲ୍ ଆଉ

ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ଆଦିବାସୀ ମାନକର୍ ପରମ୍ପରା ଅନ୍‌ସାରେ ଚାଷ୍ ଲାଗି ସେମାନେ ନିଆଁ ଲଗାସନ୍ । ଜଙ୍ଗଲ୍ ବିଭାଗ୍ ଇଥିର୍‌ଲାଗି ସେମାନ୍‌କର୍ ଉପ୍‌ରେ ଖାସ୍ ନଜର୍ ରଖିଛେ । ଇତାର୍‌ସହେତେ ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ଗାଁର୍ ଲୁକ୍‌କର୍ ସହେତେ ତାଲ୍‌ମେଲ୍ ରଖିକରି ବିଭାଗୀୟ ଅଧିକାରୀ ମାନେ କାମ୍ କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ମାଓମୁକ୍ତ ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଓଡ଼ିଶାକେ ଧାରିଜ୍ ସମିଆ ଭିତ୍‌ରେ ନକ୍ସଲ ମୁକ୍ତ ଘୋଷ୍‌ନା କରିଛନ୍ । ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଇ ବାବ୍‌ଦେ ଗଣମାଧମ୍‌କେ ସୂଚ୍‌ନା ଦେଇକରି କହିଛନ୍, ଓଡ଼ିଶା ନ ନକ୍ସଲ ଗତିବିଧି ପୁରାପୁରି ଶେଷ୍ ହେଇଛେ । ପଡ଼ୋଶୀ ରାଜ୍ୟ ନ ନକ୍ସଲ କାର୍ଯ୍ୟକଳାପ ଜାରି ରହିଥିବାର୍‌ନୁ ରାଜ୍ୟ ପୁଲିସ୍ ଖାସ୍ ନଜର୍ ରଖିଛେ । ଇତାର୍‌ସହେତେ ସୀମ୍‌ନା ରାଜ୍ୟମାନ୍‌କେ କାର୍ଯ୍ୟକଳାପ ଉପ୍‌ରେ ପୁଲିସ୍ ନଜର୍ ରଖିଛେ ବଲି ଶ୍ରୀ ଖୁରାନିଆ କହିଛନ୍ ।

ଦେଶ୍‌କେ ପୁରାପୁରି ଭାବେ ନକ୍ସଲ୍‌ମୁକ୍ତ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଗଲା ମାର୍ଚ୍ଚ ୩୧ ତାରିଖ୍ ସମିଆ ଧାରିଜ୍ କରାଯାଇଥିଲା ।

ରତ୍ନଭଣ୍ଡାର୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ୩ ନମ୍ବର୍ ଦିନେ ଭିତର୍ ରତ୍ନଭଣ୍ଡାର୍ ଗନ୍‌ତି କାମ୍ ହେଇଛେ । ସର୍‌କାର୍‌ଙ୍କର୍ ଅନୁମୋଦିତ ମାର୍ଗଦର୍ଶିକା ଅନ୍‌ସାରେ ସକାଳ ଧୂପ ନୀତି ଉତ୍‌ରୁ ଗଣ୍ତିମନ୍‌ତି ପ୍ରକ୍ରିୟା ମୁଳ୍ ହେଇଥିଲା । ୧୯୭୮ ମସିହା ତାଲିକା ସହେତେ ମେଲ୍ କରାଯାଇକରି ଗଣ୍ତି କାମ୍ କରାଯାଉଛେ । ରତ୍ନଭଣ୍ଡାର୍ ଉଚ୍ଚସ୍ତରୀୟ କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଗଣ୍ତିମନ୍‌ତି ପ୍ରକ୍ରିୟାଥି ସାମିଲ୍ ଅଛନ୍ । ଗଲାକାଏଲ୍‌ତକ୍ ପାଖାପାଖି ୮୦ ପ୍ରକାରର୍ ରତ୍ନଅଲଙ୍କାର୍‌ର ଗଣ୍ତି କରାଯାଇଥିବାର୍ ଜନାପଡ଼ିଛେ । ଇ ସମିଆଥି ଭକ୍ତମାନେ ବାହାରକାଠ ପାଶୁ ମାହାପୁରୁମାନ୍‌କର୍ ଦର୍ଶନ୍ କରୁଛନ୍ ।

ରାଷ୍ଟ୍ରପତି -ରାଉର୍‌କେଲା ଆଇ.ଆଣ୍ଡ୍.ପି.ଆର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୨୧ ତାରିଖ୍ ରାଉର୍‌କେଲା ଗସ୍ତଥି ଆସୁଛନ୍ । ଇଥିର୍‌ଲାଗି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ସମ୍ମିଲନୀ କକ୍ଷ ନ ଆଏଜ୍ ଗୁଟେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ରାଷ୍ଟ୍ରପତିଙ୍କର୍ ଗସ୍ତ କାର୍ଯ୍ୟକ୍ରମ୍ ଯେନ୍ତା ତ୍ରୁଟିଶୂନ୍ୟ ହେବା, ସେଥିର୍‌ଲାଗି ପ୍ରସ୍ତୁତିକେ ସୁନିର୍ଶ୍ଚିତ୍ କର୍‌ବାର୍ ଆଉ ତାର୍ ତଦାରଖ୍ ଉପ୍‌ରେ ମୁଖ୍ୟ ଶାସନ୍ ସଚିବ, ସମ୍ପୃକ୍ତ ବିଭାଗ୍‌ର ସଚିବ ଆଉ ଅଧିକାରୀମାନ୍‌କୁ ଜରୁରୀ ନିର୍ଦ୍ଦେଶ୍ ଆଉ ପରାମର୍ଶ ଦେଇଛନ୍ ।

ବିଜୁ ବାବୁ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ୍‌ଙ୍କର୍ ୨୯ ତମ ତିରୋଧାନ୍ ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ବିଜୁ ପଟ୍ଟନାୟକଙ୍କର୍ ଶ୍ରାଦ୍ଧ

ବାର୍ଷିକୀ ଅବ୍ସରେ ବିଧାନ୍ସଭା ପରିସର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ବିଜୁ ବାବୁଙ୍କର୍ ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ବିଜୁ ପଟ୍ଟନାୟକଙ୍କର୍ ପୁଣ୍ୟତିଥିଥି ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ରାଜ୍ୟ ଲାଗି ତାଙ୍କର୍ ଅବଦାନ୍ ସବୁବେଳେ ସୁର୍ତା ହେଇକରି ରହେବା । ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍ ବିଜୁ ବାବୁ ହେଉଛନ୍ ଓଡ଼ିଶାକେ ଭଲ୍ ପାଉଥିବା ଝନେ ବ୍ୟକ୍ତିତ୍ୱ । ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଆଉ ସାହସିକତା ସମ୍କର୍ ଲାଗି ପ୍ରେରଣାର ଉତ୍ସ ହେଇକରି ରହେବା ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଭୁବ୍ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ବିଜୁ ପଟ୍ଟନାୟକଙ୍କର୍ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବ୍ ବେଲ୍ବୁଡ଼େ ମୁଲ୍ ହେଇଛେ । ଇ ଅବ୍ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କର୍ ଶ୍ରାଦ୍ଧବାର୍ଷିକୀ ଅବ୍ସରେ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ନାରୀଶକ୍ତି ବନ୍ଦନ୍ ଦୌଡ   ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ଯୁବବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଳୟ ତର୍ଫୁ ମହିଲା ନେତୃତ୍ୱାଧୀନ୍ ବିକାଶ୍‌କେ ତହଁକାବାର୍ ଆଉ ନାଗରିକ୍ ଭାଗିଦାରୀକେ ବଢ଼ାବାର୍ ଲାଗି ଆଏଜ୍ ଆଉ ଆଏବା କାଏଲ୍ ସାରା ଦେଶେ ନାରୀଶକ୍ତି ବନ୍ଦନ୍ ଦୌଡ଼ର ଆୟୋଜନ୍ କରାଯାଇଛେ । ଇ ଅବ୍‌ସରେ ଆଏବା କାଏଲ୍ କଟକ୍ ଠାନେ ଇ ଦୌଡ଼ର୍ ଆୟୋଜନ୍ କରାଯିବା ।

ବିଶ୍ୱ ହେମୋଫିଲିଆ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

'ନିଦାନ୍ ଯତନ୍ ଲାଗି ପହେଲା ପଦକ୍ଷେପ୍' ବାର୍ତା ନେଇକରି ଆଏଜ୍ ବିଶ୍ୱ ହେମୋଫିଲିଆ ଦିବସ୍ ପାଲନ୍ କରାଯାଉଛେ । ଇ ରୋଗ୍‌ଥି ଆକ୍ରାନ୍ତ ବ୍ୟକ୍ତିଙ୍କର୍ ଶରୀରର୍ କେନ୍‌ସି ଜାଗା ନ ରକତ୍ ବାହାର୍‌ଲେ ସହଜେ ବନ୍ଦ୍ ନାଇଁ ହୁଏ । ସାରା ପୁର୍‌ଥି ନ ଇ ରୋଗ୍ ବାବ୍‌ଦେ ସଚେତନତା ବଢ଼ାବାର୍ ଲାଗି ଏପ୍ରିଲ୍ ୧୭ ତାରିଖ୍‌କେ ବିଶ୍ୱ ହେମୋଫିଲିଆ ଦିବସ୍ ଭାବେ ପାଲନ୍ କରାଯାଉଛେ । ୧୯୮୯ ମସିହା ଏପ୍ରିଲ୍ ୧୭ ତାରିଖ୍ ପହେଲାଥର୍ ଲାଗି ବିଶ୍ୱ ହେମୋଫିଲିଆ ମହାସଂଘର

ପ୍ରତିଷ୍ଠାତା ଫ୍ରାଙ୍କ୍ ସ୍ଥାବେଲ୍ଙ୍କର୍ ଜନମ୍‌ଦିନ୍‌କେ ସମ୍ମାନ୍ ଜନେଇକରି ଇ ଦିବସ୍ ପାଲନ୍ କରାଯାଉଛେ ।

ସୁବର୍ଣ୍ଣପୁର୍, ବଲାଙ୍ଗିର୍ ସ୍କୁଲ୍ ଛୁଟି ହି.ସ.

ବଢ଼୍‌ତି ଖରାକେ ନଜର୍‌ଥି ରଖି୍କରି ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏବା କାଏଲ୍‌ଠାନୁ ୨୨ ତାରିଖ୍‌ତକ୍ ଆଉ ବଲାଙ୍ଗିର୍ ଜିଲ୍ଲା ନ ୨୧ ତାରିଖ୍‌ତକ୍ ସବୁ ଅଙ୍ଗନବାଡ଼ି, ସ୍କୁଲ୍, କଲେଜ୍ ଆଉ ବୈଷୟିକ ଶିକ୍ଷାନୁଷ୍ଠାନ୍ ମାନ୍‌କେ ଛୁଟି ଘୋଷ୍‌ନା କରାଯାଇଛେ । ଇ ବାବ୍‌ଦେ ଜିଲ୍ଲାପାଲ୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ ।

ଖରା ନୂଆପଡ଼ା ସମ୍ବାଦଦାତା

ବଢ଼୍‌ତି ଖରାକେ ନଜର୍‌ଥି ରଖି୍କରି ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭିନ୍ ଭିନ୍ ଜାଗା ନ ଜଲ୍‌ଛତର୍ ବ୍ୟବସ୍ଥା କରାଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଖରାନୁ ନିଜ୍‌କେ ବଂଚାବାର୍ ଲାଗି ସୁରକ୍ଷିତ୍ ରହେବାର୍ ସହେତେ ଅତି

ଦର୍କାରୀ କାମ୍‌ରୁ ଘରୁ ନାଇଁ ବାହାର୍‌ବାର୍‌କେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ ।

ବୌଦ୍ଧ -ସଚେତନତା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ଆଉ ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ୍ ସଚେତନତା କାର୍ଯ୍ୟକ୍ରମ୍ ଜିଲ୍ଲାପାଳ୍‌ଙ୍କର୍ ଅଧ୍ୟକ୍ଷତାରୁ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ସଚେତନତା ରେଲି ମହିଳା ସଶକ୍ତିକରଣ୍ ବାର୍ତା ନେଇକରି ସହର୍ ବୁଲିଥିଲା ।

ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଇ ବଛର୍ ସିବିଏସ୍‌ଇ ୧୦ ଶ୍ରେଣୀ ପରୀକ୍ଷାରୁ ଭଲ୍ ପ୍ରଦର୍ଶନ୍ କରିଥିବା ୧୦ ଝନ୍ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସମ୍ବର୍ଦ୍ଧିତ୍ କରାଯାଇଛେ । ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍ ସଫଲତା ପାଇଥିବା ସବୁ ଛାତ୍ରଛାତ୍ରୀମାନ୍‌କର୍ ଉଜଲ୍ ଭବିଷ୍ୟତ୍ କାମନା କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାପମାତ୍ରା ବଢ଼୍‌ବାର୍‌କେ ଲାଗିଛେ । ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କେ ଖରାର୍ ପ୍ରଭାବ୍ ଅଏତ୍‌କା ରହୁଛେ । ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ଗରମ୍ ଆଉ ଗୁଲ୍‌ଗୁଲି ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୧୧ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, କଲାହାଣ୍ଡି, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ବୌଦ୍ଧ ଆର୍ ନୂଆପଡ଼ା ଜିଲ୍ଲା ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରେକର୍ଡ଼ କରାଯାଇଥିବାର୍ ବେଲେ ଟିଟିଲାଗଡ଼୍‌ନ ସବୁନୁ ଜହ ୪୩ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।